# Akashvani, Sambalpur

## SAMBALPURI NEWS EVENING BULLETIN

**29 November 2025- 7.02 pm- 7.12 pm.**

**********************************************

୧- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବା କାଏଲ୍ ଦେଶ୍‌ବାସୀଙ୍କର୍ ସାଙ୍ଗେ ଭାବ୍ ବିନିମୟ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୨- ବିଧାନ୍‌ସଭା ନ ଆଏଜ୍ ଉପସ୍ଥାପିତ୍ ହେଲା ଓଡ଼ିଶା ଜନବିଶ୍ୱାସ୍ ଅଧ୍ୟାଦେଶ୍-୨୦୨୫ ।

୩- ସୁଭଦ୍ରା ଯୋଜ୍‌ନାଥି ଆହୁରି ୧୭ ଲାଖ୍ ନୁ ଅଏତ୍‌କା ମହିଲାଙ୍କୁ ଜୁଡ଼ାଯାଇଛେ- ଗୃହ ନ କହେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ।

ଆଉର୍

୪- ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେବାର୍‌କେ ମାଓବାଦୀମାନ୍‌କୁ ବିଏସ୍‌ଏଫ୍ ଆଇ.ଜି. ଙ୍କର୍ ଆହ୍ୱାନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଦିନର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୨୮ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ବିଧାନ୍‌ସଭା        ଆର୍‌ଏନ୍‌ୟୁ/ ସମ୍ବଲପୁର

ସପ୍ତଦଶ ବିଧାନସଭାର ଶୀତ୍‌କାଲୀନ ଅଧିବେଶନଥି ଆଏଜ୍ ଉପର୍‌ବେଲା ଶିକ୍ଷମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ଓଡ଼ିଶା ଜନବିଶ୍ୱାସ ଅଧ୍ୟାଦେଶ- ୨୦୨୫କେ ଉପସ୍ଥାପନ୍

କରିଛନ୍ । ଇତାର୍ ଉତ୍‌ରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କର୍ ସହେତେ ଅଲ୍‌ଗା ମନ୍ତ୍ରୀମାନେ କାଗଜ ଉପସ୍ଥାପନ କରିଥିଲେ । ବିଧାୟକମାନେ ନିବେଦନ ଜରିଏ ନିଜର୍ ନିଜର୍ ଇଲାକାର୍ ପ୍ରସଙ୍ଗ ଆଲୋଚନା କରିଥିଲେ । ଇତାର୍ ଉତ୍‌ରୁ ବାଚସ୍ପତି ସୁରମା ପାଢ଼ୀ ଗୃହକେ ଆଝିର୍ ଲାଗି ମୁଲତବୀ ଘୋଷନା କରିଛନ୍ ।

ବିଧାନ୍‌ସଭା- ସୁଭଦ୍ରା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସର୍‌ଜମିନ୍ ତଦନ୍ତ ଉତ୍‌ରୁ ସୁଭଦ୍ରା ଯୋଜ୍‌ନାଥି ଆହୁରି ୧୭ ଲାଖ୍ ୮୩ ହଜାର୍ ୨ ଶହ ୫୧ ଝନ୍ ମହିଲାଙ୍କୁ ଜୁଡ଼ାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍‌ସଭା ନ ଗୁଟେ ପ୍ରଶ୍ନର୍ ଉତର୍‌ଥି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍, ନଭେମ୍ବର୍ ୨୪ ତାରିଖ୍‌ତକ୍ ରାଏଜେ ସୁଭଦ୍ରା ଯୋଜ୍‌ନାଥି ମୋଟ୍ ୧ କୋଟି ୧୨ ଲାଖ୍ ୨୬ ହଜାର୍ ୭ ଶହ ୪୩ ଝନ୍ ଆବେଦନ୍ କରିଥିବାର୍ ବେଲେ ୯ ଲାଖ୍ ୩୬ ହଜାର୍ ୨ ଶହ ୮୩ ଝନ୍‌କର୍ ଆବେଦନ୍ ଖାରଜ୍ ହେଇଛେ । ରାଜ୍ୟର୍ ୧୩ ଟା ଜିଲ୍ଲା ନ ଇହାଦେ ୩ ଶହ ୨୨ ଟା ସୁଭଦ୍ରା ଶକ୍ତିକେନ୍ଦ୍ର ଥାପ୍‌ନା କରାଯାଇଛେ ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

ସେନ୍ତା ରାଏଜେ ୧୨ ହଜାର୍ ଶହେ ୪୪ ଟା ଅଙ୍ଗନବାଡ଼ି କେନ୍ଦ୍ରକେ ସକ୍ଷମ୍ ଅଙ୍ଗନବାଡ଼ି କେନ୍ଦ୍ର କରାଯାଇଛେ ଆଉ ଆଏବା

ଦିନେ ସବୁ ଅଙ୍ଗନବାଡ଼ିର୍ ନିଜର୍ ଘର୍ ହେବା ବଲି ଶ୍ରୀମତୀ ପରିଡ଼ା କହିଛନ୍ ।

(ଭଏସ୍ ଓଭର୍- ଉପମୁଖ୍ୟମନ୍ତ୍ରୀ)

ବିଧାନ୍‌ସଭା-ଖାଦ୍ୟ ଯୋଗାଣ ମନ୍ତ୍ରୀ ଏକ୍ସ

ରାଏଜେ ରାସନ୍‌କାର୍ଡ୍ ଲାଗି ଇହାଦେ ୯୬ ପ୍ରତିଶତ୍ ଇ-କେଓ୍ୱାଇସି ସରିଛେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍, ନୂଆଁ ସର୍‌କାର୍ ଆସ୍‌ଲା ଦିନୁ ଇ-କେଓ୍ୱାଇସି ପ୍ରକ୍ରିୟା ମୁଲ୍ କରାଯାଇଛେ । ହିତାଧିକାରୀମାନ୍‌କର୍ ଭିତ୍‌ରୁ ଖାଲି ୪ ପ୍ରତିଶତ୍ ଇ-କେଓ୍ୱାଇସି ନାଇଁକରି । ଇ-କେଓ୍ୱାସି କର୍‌ଲା ଭିତ୍‌ରେ ୮ ଲାଖ୍ ନୁ ଅଏତ୍‌କା ରାସନ୍‌କାର୍ଡ୍ କଟାଯାଇଛେ । ସେଥିର୍‌ଭିତ୍‌ରୁ ୬ ଲାଖ୍ ୯୫ ହଜାର୍ ୫ ଶହ ଝନ୍ ମୃତ ବ୍ୟକ୍ତିଙ୍କର୍ କାର୍ଡ୍ କଟିଛେ । କେନ୍‌ସି ଭିଲ୍ ଗରିବ୍ ହିତାଧିକାରୀମାନ୍‌କର୍ କାର୍ଡ୍ ନାଇଁ କଟାଯାଇ । ପୋର୍ଟାଲ୍‌ଥି ଆବେଦନ୍ କଲେ ଯାଂଚ୍ କରାଯାଇପାର୍‌ବା । ଖୋବ୍ ଜଲ୍‌ଦି ଗାଁ ଇଲାକା ନ ୧୩ ଲାଖ୍ ୫୦ ହଜାର୍ ଆଉ ସହର୍ ଇଲାକା ନ ଦେଢ଼୍‌ଲାଖ୍ ଲୁକ୍‌କୁ ରାସନ୍‌କାର୍ଡ୍ ଦିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଆଇନ୍‌ମନ୍ତ୍ରୀ-ବିଧାନ୍‌ସଭା ଏକ୍ସ / ହି.ସ.

ରାଜ୍ୟର୍ ୪ ହଜାର୍‌ନୁ ଅଏତ୍‌କା ହିନ୍ଦୁ ମନ୍ଦିର୍‌କେ ଆର୍ଥିକ୍ ଅନୁଦାନ୍ ରାଶି ବଢ଼େଇକରି ଦିଆଯାଇଛେ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍‌ସଭା ନ ଝାର୍‌ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀଙ୍କର୍ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ରାଏଜେ ଇହାଦେ ଦେବୋତର୍ ଆୟୋଗଙ୍କର୍ ଅଧୀନ୍‌ଥି ୧୮ ହଜାର୍ ନୁ ଅଏତ୍‌କା ମନ୍ଦିର୍ ରହିଛେ ।

ସେନ୍ତା ଆଉ ଗୁଟେ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍, ରାଏଜେ ଆଉ ୧୫ ଟା ନୂଆଁ ପୋକ୍‌ସୋ ଅଦାଲତ୍ ଖୁଲାଯିବା । ଭୁବ୍‌ନେଶ୍ୱର୍, କଟକ୍ ସହେତେ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ସୁବର୍ଣ୍ଣପୁର୍ ଜିଲ୍ଲା ନ ନୂଆଁ ପୋକ୍‌ସୋ ଅଦାଲତ୍ ଖୁଲ୍‌ବାର୍ ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କରାଯିବା ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ନଗର୍ ଉନ୍ନୟନ୍ ମନ୍ତ୍ରୀ- ବୈଦ୍ୟୁତିକ ବସ୍ ଏକ୍ସ

ରାଜ୍ୟର୍ ଆଉ ୬ ଟା ସହର୍ ନ ଖୋବ୍ ଜଲ୍‌ଦି ବୈଦ୍ୟୁତିକ୍ ବସ୍ ଚଲାଚଲ୍ କର୍‌ବା ବଲି ଗୃହ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ

କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ । ମନ୍ତ୍ରୀ କହିଛନ୍, ରାଏଜେ ଇହାଦେ ୬ ଶହ ୭୦ ଟା ସରକାରୀ ବସ୍ ଚାଲିଛେ । ସେଥିର୍‌ଭିତ୍‌ରୁ ୨ ଶହ ୨୦ ଟା ବୈଦ୍ୟୁତିକ୍ ବସ୍ ରହିଛେ । ଆଗ୍‌କେ ଯେନ୍ ଜାଗା ନ ଦର୍‌କାର୍ ହେବା ବସ୍ ଚଲାଚଲ୍ ବ୍ୟବସ୍ଥା କରାଯିବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ ।

ବିଏସ୍‌ଏଫ୍ ଆଇଜି ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଓଡ଼ିଶାକେ ୨୦୨୬ ମସିହା ମାର୍ଚ୍ଚ ମାସ୍‌ତକ୍ ମାଓବାଦୀ ମୁକ୍ତ କରାଯିବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ବିଏସ୍‌ଏଫ୍ ଆଇଜି ଅବତାର୍ ସିଂ ଶାହି କହିଛନ୍ । ଭୁବ୍‌ନେଶ୍ୱର୍ ନ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ଶ୍ରୀ ଶାହି କହିଛନ୍, ଇ ବଛର୍ ରାଏଜେ ସୁରକ୍ଷା କର୍ମୀଙ୍କର୍ ଜରିଏ ୧୯ ଝନ୍ ମାଓବାଦୀ ନିହତ୍ ହେଇଛନ୍ । ଇ ସମିଆ ଭିତ୍‌ରେ ୮ ଝନ୍ ମାଓବାଦୀଙ୍କୁ ଗିରଫ୍ କରାଯାଇଥିଲା ବେଳେ ୬ ଝନ୍ ଆତ୍ମସମର୍ପଣ୍ କରିଛନ୍ । ସମାଜ୍‌ର ମୁଖ୍ୟସ୍ରୋତଥି ସାମିଲ୍ ହେବାର୍ ଲାଗି ଆତ୍ମସମର୍ପଣ୍ କଲେ ସର୍‌କାର୍‌ଙ୍କର୍ ତର୍‌ଫୁ ସବୁ ସହଯୋଗ୍ ଯୁଗେଇ ଦିଆଯିବା । ନାହେଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଶ୍ରୀ ଶାହି କହିଛନ୍ ।

(ଭଏସ୍ ଓଭର୍- ବିଏସ୍‌ଏଫ୍ ଆଇଜି)

ସୂଚ୍‌ନା ଅନ୍‌ସାରେ ରାଜ୍ୟ ସର୍‌କାର୍ ମାଓବାଦୀମାନ୍‌କର୍ ଆତ୍ମସମର୍ପଣ୍ ଲାଗି ସାହାଜ୍ ଟଙ୍କା ଗଲାକାଏଲ୍ ବଢ଼େଇଛନ୍ ।

ପଂଚାୟତ୍- ପିଅନ୍ ନିଯୁକ୍ତି ପ୍ରେସ୍ ରିଲିଜ୍

ରାଜ୍ୟର୍ ଫି’ ପଂଚାୟତ୍ ନ ପିଅନ୍ ନିଯୁକ୍ତି ଦେବାର୍‌କେ ଆଏଜ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଘୋଷ୍‌ନା କରାଯାଇଛେ । ଇ ବାବ୍‌ଦେ ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ପଂଚାୟତ୍ ମାନ୍‌କେ ନୂଆଁ ପିଅନ୍ ପଦ୍‌ବୀ ସୃଷ୍ଟି କରାଯିବା । ସେମାନ୍‌କର୍ ଦର୍‌ମା ୧୩ ହଜାର୍ ଶହେ ୬୦ ଟଙ୍କା ରହେବା । ଆଘୋନୁ ପଂଚାୟତ୍‌ମାନେ ନିଜର୍ ସ୍ତର୍‌ଥି ପିଅନ୍ ରଖିକରି ଦର୍‌ମା ଦଉଥିଲେ । ମାତରକ ଏଥର ସର୍‌କାର୍‌ଙ୍କର୍ ତର୍‌ଫୁ ନିଯୁକ୍ତି ସହେତେ ଦର୍‌ମା ଦିଆଯିବା ବଲି ବିଜ୍ଞପ୍ତିଥି କୁହାଯାଇଛେ ।

ସାଂସଦ୍ ଖେଲ୍ ମହୋତ୍ସବ ବର୍‌ଗଡ଼୍ ସମ୍ବାଦଦାତା

ଆଏବା ୧୫ ନୁ ୨୦ ତାରିଖ୍ ଭିତ୍‌ରେ ବର୍‌ଗଡ଼୍ ବିଧାନ୍‌ସଭା କ୍ଷେତ୍ର ନ ସାଂସଦ୍ ଖେଲ୍ ମହୋତ୍ସବ୍ ଆୟୋଜନ୍ କରାଯିବା । ବର୍‌ଗଡ଼୍ ସାଂସଦ୍ ପ୍ରଦୀପ୍ ପୁରୋହିତ୍‌ଙ୍କର୍

ସଭାପତିତ୍ୱଥି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ହେଇଥିବା ପ୍ରସ୍ତୁତି ବୈଠକ୍ଥି ଇ ବାବ୍ଦେ ସୂଚ୍ନା ଦିଆଯାଇଛେ । ଖେଲ୍ ମହୋତ୍ସବ୍ଥି ସଂସଦୀୟ କ୍ଷେତ୍ରର୍ ଭିନ୍ ଭିନ୍ ଇଲାକାନୁ ୩ ଶହ ୪ ଜନ୍ ପ୍ରତିଯୋଗୀ ଭାଗ୍ ନେବେ ।

ସମବାୟ ବିକାଶ୍ କମିଟି ବୈଠକ୍   ନୂଆପଡ଼ା  ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲାସ୍ତରୀୟ ସମବାୟ ବିକାଶ୍ କମିଟି ବୈଠକ୍ ହେଇଯାଇଛେ । ବୈଠକ୍ଥି ଅଧ୍ୟକ୍ଷତା କରିକରି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍ କହିଛନ୍, କୃଷି ଆଉ କୃଷକ୍ମାନ୍କର୍ ସର୍ବାଙ୍ଗିନ୍ ବିକାଶ୍ ଲାଗି ସମବାୟ ସଂସ୍ଥା ବହୁତ୍ ଜରୁରୀ ଆଏ । ସମବାୟ ସୁରକ୍ଷିତ୍ ରହେଲେ କୃଷକ୍ ସମାଜ୍ ସମୃଦ୍ଧ ହେବେ ବଲି ଜିଲ୍ଲାପାଲ୍ କହିଛନ୍ । ଇ ଅବ୍ସରେ ଆଏବା ବଛର୍ ଲାଗି ଜିଲ୍ଲାର୍ ସମବାୟ ବିକାଶ୍ ଉପ୍ରେ ଆଲୋଚନା କରାଯାଇଥିଲା ।

ଯୁବ ମହୋତ୍ସବ- ପ୍ରସ୍ତୁତି       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ଯୁବ ମହୋତ୍ସବ ଆୟୋଜନ୍ ଲାଗି ଜିଲ୍ଲାପାଲ୍ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ଗୁଟେ ପ୍ରସ୍ତୁତି

ବୈଠକ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ମହୋତ୍ସବ୍‌ର ରୂପରେଖ ବାବ୍‌ଦେ ଆଲୋଚନା କରାଯାଇଥଲା । ମହୋତ୍ସବ୍‌ର ଭିନ୍ ଭିନ୍ ପ୍ରତିଯୋଗିତାଥି ୧୫ ନୁ ୨୯ ବଛର୍ ବୟସର୍ ଯୁଆନ୍ ପିଲା ଟୁକେଲ୍‌ମାନେ ଭାଗ୍ ନେଇପାର୍‌ବେ । ଇଥିର୍‌ଲାଗି ସେମାନେ ମାଇ ଭାରତ୍ ପୋର୍ଟାଲ୍‌ଥି ନାଁ ପଞ୍ଜିକରଣ୍ କରିପାର୍‌ବେ ବଲି ବୈଠକ୍‌ନୁ ସୂଚ୍‌ନା ଦିଆଯାଇଛେ ।

ବିଜ୍ଞାନ୍ ପ୍ରଦର୍ଶନୀ          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଧଳପୁର୍ ନ ବ୍ଲକ୍‌ସ୍ତରୀୟ ବିଜ୍ଞାନ୍ ମେଳା ଆର୍ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ହେଇଯାଇଛେ । ପ୍ରଦର୍ଶନୀଥି ବିକଶିତ୍ ଭାରତ୍- ଆତ୍ମନିର୍ଭର୍ ଭାରତ୍ ବିଷୟବସ୍ତୁ ଉପ୍‌ରେ ଶହେ ୯୪ ଟା ପ୍ରକଳ୍ପ ପ୍ରଦର୍ଶିତ୍ ହେଇଥିଲା ।

ସିଭିଲ୍ ସର୍ଭିସ୍-ମାହାଲିଆ କୋଚିଂ          କଳାହାଣ୍ଡି ସମ୍ବାଦଦାତା

ଭାରତୀୟ ପ୍ରଶାସନିକ ସେବା ଲାଗି ତୟାରି କରୁଥିବା ଛାତ୍ରଛାତ୍ରୀମାନ୍‌କୁ ମାହାଲିଆ କୋଚିଂ ଯୁଗେଇ ଦିଆଯିବାର୍ ଲାଗି କଳାହାଣ୍ଡି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସିଭିଲ୍ ସର୍ଭିସ୍

କୋଚିଂ ମିଶନ୍- ଆକାଂକ୍ଷାର୍ ଉଦ୍‌ଘାଟନ୍ କରାଯାଇଛେ । ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ଇତାର୍ ଶୁଭାରମ୍ଭ କରିଛନ୍ । ମିଶନ୍ ଜରିଏ ଜିଲ୍ଲାର୍ ଗରିବ୍ ଛାତ୍ରଛାତ୍ରୀମାନେ ସିଭିଲ୍ ସର୍ଭିସ୍ ପରୀକ୍ଷା ଲାଗି ମାହାଲିଆ କୋଚିଂ ପାଇପାର୍‌ବେ ।

ଦେବ୍‌ଗଡ଼୍- ଯୁବ ଉତ୍ସବ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ଆଏବା ମାସ ୩ ତାରିଖ୍ ଦିନ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ୍ ମୁଲ୍ ହେବା । ସହରର୍ ବିଜୁ ପଟ୍ଟନାୟକ୍ ପ୍ରେକ୍ଷାଳୟ ଆଉ ଦେବ୍‌ଗଡ଼୍ ମହାବିଦ୍ୟାଳୟ ନ ସଖାଲର୍ ୯ ବଜେ ମହୋତ୍ସବ୍ ଉଦ୍‌ଘାଟିତ୍ ହେବା । ମହୋତ୍ସବ୍‌କେ ନେଇକରି ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ମହୋତ୍ସବ୍‌ଥି ୧୫ ନୁ ୨୯ ବଛର୍ ବୟସର୍ ଯୁଆନ୍ ପିଲା ଟୁକେଲ୍ ଭିନ୍ ଭିନ୍ ପ୍ରତିଯୋଗିତାଥି ଭାଗ୍ ନେଇପାର୍‌ବେ ।

ଇସିଆଇ ନେଟ୍ ଆପ ପ୍ରେସ୍ ଇସ୍ତାହାର୍

ଇସିଆଇ ନେଟ୍ ଆପ୍ ର ବେଭାର୍ ଆଉ କାର୍ଯ୍ୟକାରିତାକେ ଆହୁରି ଉନ୍ନତ୍ କର୍‌ବାର୍ ଲାଗି ଭାରତୀୟ ନିର୍ବାଚନ୍

ଆୟୋଗ୍ ତରଫୁ ନାଗରିକ୍‌ମାନକର୍ ମତାମତ୍ ଆହ୍ୱାନ୍ କରାଯାଉଛେ । ନାଗରିକ୍‌ମାନେ ଇ ଆପ୍‌କେ ଡାଉନ୍‌ଲୋଡ୍ କରିକରି ତାର୍ ଭିତ୍‌ରେ ଥିବା 'ସବ୍‌ମିଟ୍ ଏ ସଜେସନ୍' ଟେବ୍ ବେଭାର୍ କରିକରି ନଭେମ୍ବର୍ ୨୭ ନୁ ଡିସେମ୍ବର୍ ୨୭ ତାରିଖ୍ ଭିତ୍‌ରେ ମତାମତ୍ ଦେଇପାର୍‌ବେ । ଇ ଆପ୍‌କେ ଇହାଦେ ହେଇଥିବା ବିହାର୍ ବିଧାନ୍‌ସଭା ଆଉ ଉପନିର୍ବାଚନ୍ ମାନ୍‌କେ ପରୀକ୍ଷାମୂଳକ୍ ଭାବେ ବେଭାର୍ କରାଯାଇଥିଲା । ଇତାକେ ଆହୁରି ଉନ୍ନତ୍ ଆଉ ବେଭାର୍ ଉପଯୋଗୀ କରିକରି ୨୦୨୬ ବେଲ୍‌କେ ଫେର୍‌ଘାଏ ଶୁଭାରମ୍ଭ କରାଯିବା ବଲି ଆୟୋଗ୍ ତରଫୁ କୁହାଯାଇଛେ ।

ସ୍ମାର୍ଟ ଓଡ଼ିଶା ହାକାଥନ I&PR

ରାଜ୍ୟ ସର୍‌କାର୍‌ଙ୍କର୍ ତରଫୁ ଯୁଆନ୍ ପିଢ଼ି ଭିତ୍‌ରେ ନୂଆଁ ସୃଜନ୍ ଆଉ ଉଦ୍ୟୋଗୀ ଚିନ୍ତାଧାରାକେ ତହଁକାବାର୍ ଲାଗି 'ଓଡ଼ିଆ ପ୍ରେନ୍ୟୁର୍ ସ୍ମାର୍ଟ ଓଡ଼ିଶା ହାକାଥନ୍ ୩ . ୦' ଆୟୋଜନ୍ କରାଯାଇଛେ । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ, ଆଇଆଇଟି ଭୁବ୍‌ନେଶ୍ୱର୍ ଆଉ ୟୁନିସେଫ୍ ତରଫୁ ରାଜ୍ୟର୍ ଉଚ୍ଚମାଧ୍ୟମିକ ଆଉ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରେ ଇ ହାକାଥନ୍ ଆୟୋଜନ୍ କରାଯିବା । ଇଥିର୍‌ଲାଗି ଆଏଜ୍ ଓଡ଼ିଶା ପ୍ରେନ୍ୟୁର୍ ୱେବ୍ ପୋର୍ଟାଲ୍‌ର ଶୁଭାରମ୍ଭ କରାଯାଇଛେ । ପୋର୍ଟାଲ୍ ଜରିଏ

ଛାତ୍ରଛାତ୍ରୀ ମାନେ ନିଜର୍ ନିଜର୍ ସୃଜନଶୀଳତାର୍ ପ୍ରଦର୍ଶନ୍ କରିପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏଜ୍‌ଠାନୁ ଶୀତ୍ ସାମାଏନ୍ କମ୍‌ବା । ଆଏବା ୩ ଦିନ୍ ଭିତ୍‌ରେ ରାତିର୍ ତାପମାତ୍ରା ୨ ନୁ ୪ ଡିଗ୍ରୀତକ୍ ବଢ଼ିକରି ଶୀତ୍ ଆହୁରି କମିପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ । ଆଏବା ୬ ଦିନ୍ ତକ୍ ରାଏଜେ ପାଗ୍ ଶୁଖା ରହେବା ।